Dy No. 55
4/02/2020

L.A. ZONE OFFICE K. RAIL LINK PROJECT * BOUDH *
04 FEB 2020

# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*****

### ଘୋଷଣା

No. RDM-LAB-BOUDH-0032-2018- 1958 R&DM, Dated 10 JAN 2020

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୪(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧ ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ସାଲକଟା**, ଥାନା- ପୁରୁଣାକଟକ ନଂ ୪୨, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୭୬୪୩ ତା. ୨୬.୦୭.୨୦୧୮ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ ୪୧୯୪୮ ତା ୩୧.୧୨.୨୦୧୯ ରିଖ ଅନୁସାରେ ଅଧିସୂଚନାର ବୈଧତା ତା ୩୧.୦୩.୨୦୨୦ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ସାଲକଟା**, ଥାନା- ପୁରୁଣାକଟକ ନଂ ୪୨, ଜିଲ୍ଲା- ବୌଦ୍ଧ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ , ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ

ତହସିଲ: - ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସାଲକଟା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୪.୨୭୦ | ଏକର ୧.୪୭୦ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା:- ବୌଦ୍ଧ

ତହସିଲ: - ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ -
୨୧.୧୨.୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ

(signature) 7/1/2020

ଅତିରିକ୍ତ ଶାସନ ସଚିବ

| ଜମି ର ତାଲିକା | | | | | | |
|---|---|---|---|---|---|---|
| ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରିଆ ରେଳ ପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ | | | | | | |
| ଗ୍ରାମ: ସାଲକଟା, ତହସିଲ : ହରଭଙ୍ଗା , ଥାନା: ପୁରୁଣାକଟକ (ନଂ - ୪୨) , ଜିଲ୍ଲା: ବୌଦ୍ଧ | | | | | | |
| ଏ.ବ୍ୟକ୍ତିଗତ. ଜମି | | | | | | |
| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ |
| | ଖତିୟାନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୧୮ | ୧୧୭ | ୦.୬୩୦ | ୦.୩୪୦ | ଶାରଦ-୨ | ଗୁପ୍ତେଶ୍ୱର ଗୁରୁ ପି-ଦିନ ଗୁରୁ, ବିଜୁ ପ୍ରଧାନ ପି-ଯୋଗେଶ୍ୱର ଗୁରୁ ବା: ସାଲକଟା |
| ୨ | | ୧୨୮ | ୧.୬୪୦ | ୦.୩୪୦ | ଶାରଦ ଜଳ-୧ | |
| ୩ | | ୧୨୯ | ୦.୧୫୦ | ୦.୦୭୦ | ଆଟ | |
| ୪ | ୨୬ | ୧୩୩ | ୦.୧୦୦ | ୦.୦୨୦ | ଶାରଦ ଜଳ-୧ | ମୌନାବତୀ ପ୍ରଧାନ ସା-ନାରାୟଣ ପ୍ରଧାନ ବା: ସାଲକଟା |
| ୫ | ୨୭ | ୧୩୨/୫୭୧ | ୦.୦୮୦ | ୦.୦୮୦ | ଶାରଦ ଜଳ-୧ | ଭିମସେନ ରଣା ପି-ଏକାଦଶୀ ରଣା ବା: ସାଲକଟା |
| ୬ | ୪୫ | ୧୩୨ | ୦.୨୪୦ | ୦.୧୪୦ | ଶାରଦ ଜଳ-୧ | ଭିମସେନ ରଣା, ଦୁଃଶାସନ ରଣା ପି-ଏକାଦଶୀ ରଣା ବା: ସାଲକଟା |
| ୭ | ୬୭ | ୧୩୦ | ୧.୨୦୦ | ୦.୩୨୦ | ଶାରଦ ଜଳ-୧ | ଶତ୍ରୁଘନ ମହାଲିକ ପି-ଭଗବାନ ମହାଲିକ ବା: ସାଲକଟା |
| ୮ | | ୧୩୧ | ୦.୦୫୦ | ୦.୦୫୦ | ଶାରଦ ଜଳ-୨ | |
| ୯ | ୯୮/୯ | ୫୭୧/୫୭୭ | ୦.୧୮୦ | ୦.୧୧୦ | ଶାରଦ ଜଳ-୧ | ଭିମସେନ ରଣା, ଦୁଃଶାସନ ରଣା ପି-ଏକାଦଶୀ ରଣା ବା: ସାଲକଟା |
| ମୋଟ | | | ୪.୨୭୦ | ୧.୪୭୦ | | |

04.02.2020

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ,ବୌଦ୍ଧ

P.R.No. 03
04/2/20

# ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ,
## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ

ଜ୍ଞାପକ ସଂଖ୍ୟା. 65(6) ତାରିଖ 04/02/20

ଉକ୍ତ ଘୋଷଣାର ଏକ କିତା ନକଲ ଜିଲ୍ଲାପାଳ, ବୌଦ୍ଧ/ଉପଜିଲ୍ଲାପାଳ, ବୌଦ୍ଧ/ ତହସିଲଦାର, ହରଭଙ୍ଗା/ ଜିଲ୍ଲା-ଉପନିବନ୍ଧକ, ବୌଦ୍ଧ /ସରପଂଚ, ପୁରୁଣାକଟକ ଗ୍ରାମପଂଚାୟତ ଏବଂ **ସାଲକଟା** ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଅଧିସୂଚିତ ରକବା ଅପରିବର୍ତ୍ତିତ ।

04.02.2020

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ବୌଦ୍ଧ